# କୁନି ଖୁଡ଼ି

● **ନୀଳାମ୍ବର ରଥ**

ରାତି ବନ୍ଦ କରିପାରେନି
ସମୁଦ୍ରର ଗର୍ଜନ
ଆକାଶର ରୋକି ପାରେନି ସୂର୍ଯ୍ୟାଲୋକ
ନାଉରିଆ ଠିଆ କରେଇପାରେନି ନାଆ
ସୁଅ ତୋଡ଼ରେ ।

ଗଛ ରୋକିପାରେନି ପତ୍ରଝଡ଼ା
ପକ୍ଷୀର ଡେଣା
ବଦଳାଇ ପାରେନି ପବନର ଦିଗ ।

ତମେ ବା କେମିତି ଲାଲ ଟୁକ୍‌ଟୁକ୍
ରଖିପାରନ୍ତ, ଚିରକାଳ
ତମ ସୀମନ୍ତ !

ପବନ ତମ ଶାଢ଼ି ପଣତ
ଉଡ଼େଇ ନେଲା ପରି
ତାଙ୍କୁ ଉଡ଼େଇନେଲା ସମୟ !

ବାତ୍ୟାରେ ଟଳି ପଡ଼ିଥିବା
ଗଛ ଦେହରେ
ଟପ୍‌ଟାପ୍ ଗଳିଯାଏ
କେତେ ଶାଣଦିଆ କୁରାଢ଼ୀ
ତମ ଆଗ ପଛରେ
ଏବେ କେତେ
ବିକୃତ ନଜରର ଧାଡ଼ି ।

ଉଡ଼ାଳିକୁ ମାଲୁମ ନଥାଏ
କେତେବେଳ ଯାଏଁ
ପକ୍ଷୀ ପରି ଉଡୁଥିବ
ତା'ର ଗୁଡ଼ି
ତମେ ବା କେମିତି ଜାଣିଥାନ୍ତ
ହେଇ କହୁ କହୁ
କାଳ ଝଡ଼ ପୋଛିଦେବ
ତମ ସିନ୍ଥିରୁ ସିନ୍ଦୂର
ପାଦରୁ ଅଳତା
ହାତରୁ ଲାଲ ଚୁଡ଼ି-
କୁନି ଖୁଡ଼ି ।

ଝଡ଼ ପରେ ଥାଏ ଜୀବନ,
ଫର୍ଚ୍ଚା ଆକାଶ
ଚଢ଼େଇ ସଜାଡ଼େ ପୁଣି
ଭଙ୍ଗା ନିଡ଼
ଉଠ, ଠିଆହୁଅ
ନୂଆକରି ଘରଟିଏ ଗଢ଼ ।

www.nilambarrath.com, Email: rath.nilambar@gmail.com